ଶନିବାର , ୪ ଜୁନ୍ , ୨୦୨୨

# ପିଲାଙ୍କ ଧରିତ୍ରୀ





# ସମୟର ମହତ୍ତ୍ୱ

ଗପ

ଜଣେ ଛାତ୍ର ଉଚ୍ଚଶିକ୍ଷା ପାଇଁ ଆମେରିକା ଗଲେ। କଲେଜରେ ପାଠପଢ଼ାର ସମୟ ସକାଳ ଆଠଟାରେ ଥିଲା। ସେ ଆରାମରେ ଚାଲିକରି ଯାଇ ମହାବିଦ୍ୟାଳୟରେ ପହଞ୍ଚିଗଲେ। ସେଠାରେ ଦେଖିଲା ବେଳକୁ କ୍ଲାସରୁମ୍‌ରେ ସମସ୍ତେ ଆସି ସାରିଥିଲେ ଆଉ ପାଠପଢ଼ା ମଧ୍ୟ ଆରମ୍ଭ ହୋଇ ଯାଇଥିଲା। ଅଧ୍ୟାପକ ଛାତ୍ରଙ୍କୁ ପଚାରିଲେ ତୁମେ ଠିକ୍ ସମୟରେ କାହିଁକି ଆସିଲ ନାହିଁ... ଅଧ୍ୟାପକଙ୍କଠାରୁ ଏଭଳି ପ୍ରଶ୍ନ ଶୁଣି ସେହି ଛାତ୍ରଜଣକ ଲଜ୍ଜିତ ହୋଇଗଲେ। ତା'ପରଦିନ ଛାତ୍ର ପନ୍ଦର ମିନିଟ୍ ପୂର୍ବରୁ କଲେଜରେ ଆସି ପହଞ୍ଚି ଯାଇଥିଲେ। କିନ୍ତୁ ଯେତେବେଳେ ଆଠଟା ବାଜିବାକୁ ତିନି ମିନିଟ୍ ବାକିଥିଲା ସେତେବେଳେ ଅଧ୍ୟାପକ ଏବଂ ସବୁ ଛାତ୍ର ଆସି କ୍ଲାସରୁମ୍‌ରେ ପହଞ୍ଚିବାକୁ ଲାଗିଲେ। ଠିକ୍ ଆଠଟା ବେଳକୁ ଘଣ୍ଟି ବାଜିଲା ଆଉ ପାଠପଢ଼ା ଆରମ୍ଭ ହେଲା।

ସେହି ଛାତ୍ର ଆଜି ବହୁତ ପ୍ରସନ୍ନ ଥିଲେ, କାରଣ ଆଜି ସେ ସମୟ ପୂର୍ବରୁ ଆସିଥିଲେ। କିନ୍ତୁ ଅଧ୍ୟାପକ କହିଲେ, ଦୁଇ-ଚାରି ମିନିଟ୍ ଡେରିରେ ଆସିବା ଯେମିତି ଠିକ୍ ନୁହେଁ ସେମିତି ଅଧିକ ସମୟ ଆଗରୁ ମଧ୍ୟ ଠିକ୍ ନୁହେଁ। ତେଣୁ ତୁମେ ପନ୍ଦର ମିନିଟ୍ ଆଗରୁ ଆସି କ୍ଲାସରୁମ୍ ଆଗରେ ଠିଆ ହେବା ଭଲ କଥା ନୁହେଁ। ଏହି କିଛି ମିନିଟ୍‌ରେ ତୁମେ ରୁମ୍‌ରେ ଅନ୍ୟ କିଛି ଅଧ୍ୟୟନ କରିପାରିଥାନ୍ତ, କିନ୍ତୁ ସମୟ ନଷ୍ଟ କରିବା ଠିକ୍ ନୁହେଁ। ଏହିଭଳି ଆମେରିକାର ଅଧ୍ୟାପକ ଭାରତର ଛାତ୍ର ଜଣଙ୍କୁ ସମୟର ମହତ୍ତ୍ୱ ନେଇ ଜ୍ଞାନ କରେଇ ଦେଲେ। ଅଧ୍ୟାପକ ଛାତ୍ରଙ୍କୁ କହିଲେ ସମୟର ବଡ଼ ମହତ୍ତ୍ୱ ଅଛି। ସମୟର ଯଦି ସଦୁପଯୋଗ କରିବ ତା'ହେଲେ ସଫଳତା ଅବଶ୍ୟ ମିଳିବ। ଆଉ ଯେକୌଣସି କାର୍ଯ୍ୟ ସମୟ ଭିତରେ ପୂରା କରିଲେ ସଫଳତା ଓ ପ୍ରଶଂସା ମଧ୍ୟ ମିଳିବ। ଯଦି ତୁମେ ସମୟର ସଦୁପଯୋଗ ନ କରିବ ତା'ହେଲେ ତୁମକୁ ସମୟ ବହୁତ ପଛକୁ ନେଇଯିବ। ସେ ପୁଣି କହିଲେ ବିତି ଯାଇଥିବା ସମୟ କେବେ ଫେରେ ନାହିଁ। ତେଣୁ ସମୟର ସଦୁପଯୋଗ କରିବା ଉଚିତ।



**-ମନୋଜ କୁମାର ବେହେରା**
ୟୁନିଟ-୯, ବାୟାବାବା ମଠ ଲେନ,
ଭୁବନେଶ୍ୱର,
ମୋ: ୭୯୭୮୩୦୬୧୧

## ଖିଲି ଖିଲି ହସ

ପପୁ ଜୋର୍‌ରେ କାନ୍ଦୁଥିଲା। ଏହାଦେଖି ବାପା ପଚାରିଲେ– ଆରେ ପପୁ କାହିଁକି କାନ୍ଦୁଛୁ?
**ପପୁ:** ବାପା , ମୋର ୧୦୦ ଟଙ୍କା ହଜିଗଲା।
ବାପା: କିଛି କଥା ନାହିଁ, ନେ ୧୦୦ ଟଙ୍କା ଯାକୁ ସାଇତି ରଖ୍। ଏବେ ପୁଣି ପପୁ ଆହୁରି ଜୋର୍‌ରେ କାନ୍ଦିବାକୁ ଲାଗିଲା। ପୁଣି କ'ଣ ହେଲା ତୋର ?
**ପପୁ:** ପ୍ରଥମରୁ ଯଦି ଜାଣିଥା'ନ୍ତି ତମେ ମୋର ହଜିଲା ଟଙ୍କା ଦେଇଦେବ ବୋଲି ତେବେ ମୁଁ ତୁମକୁ ୧୦୦୦ ଟଙ୍କା ହଜିଛି ବୋଲି କହିଥାନ୍ତି।

**ଶିକ୍ଷକ:** ପିଲାମାନେ, କହିଲ ଯଦି ପ୍ରତିଦିନ ବାଦାମ ଖାଇବ କ'ଣ ହେବ ?
**ଛାତ୍ର:** ସାର୍ ,ବାଦାମ ସବୁ ସରିଯିବ।

**ଶିକ୍ଷକ:** ସଞ୍ଜୁ, ତୁମେ ପକ୍ଷୀ ବିଷୟରେ ସବୁ ଜାଣିଛ ?
**ସଞ୍ଜୁ:** ହଁ।
**ଶିକ୍ଷକ:** ଆଚ୍ଛା, କହିଲ କେଉଁ ପକ୍ଷୀ ଉଡ଼ିପାରେନି ?
**ସଞ୍ଜୁ:** ମରିଯାଇଥିବା ପକ୍ଷୀ ଉଡ଼ିପାରେନି।

**ପିଙ୍କି:** ଯେତେ ଥଣ୍ଡା ପଡ଼ିଲେ ବି ମୁଁ ପ୍ରତିଦିନ ଗାଧାଏ।
**ଚିଙ୍କୁ:** ଆରେ, ମୁଁ ତ ଥଣ୍ଡାରେ ଦୁଇଥର ଗାଧାଏ।
**ପିଙ୍କି:** ୱାଓ, ତୁମେ ତ ବହୁତ ଭଲ।
**ଚିଙ୍କୁ:** ନାହିଁରେ ପାଗଳୀ, ମୁଁ ଦୁଇଥର ଗାଧାଏ ସତ, କିନ୍ତୁ ପ୍ରତିଦିନ ନୁହେଁ, ମାସକୁ।

## ରଙ୍ଗ ଦିଅ



## ମତାମତ

❖ 'ମନ ପସନ୍ଦର ଖେଳ' ବିଷୟଟି ପଢ଼ିବାକୁ ବହୁତ ଭଲ ଲାଗିଲା। ଏବେ ପିଲାମାନେ ଖେଳକୁ କ୍ୟାରିୟର କରିବାକୁ ଚାହୁଁଛନ୍ତି ଜାଣି ଖୁସି ଲାଗୁଛି।
**-ତ୍ରିଲୋଚନ ସାହୁ, ତେଲେଙ୍ଗାପେଣ୍ଠ, କଟକ**

❖ 'ରଙ୍ଗଦିଅ' ସ୍ତମ୍ଭରେ ଦିଆଯାଉଥିବା ଚିତ୍ରକୁ ପିଲାମାନଙ୍କ ଦ୍ୱାରା ରଙ୍ଗକରି ପ୍ରକାଶ ପାଇଲେ ଖୁବ୍ ଭଲ ହୁଅନ୍ତା।
**-ତନୁଶ୍ରୀ ହୋତା, ବିଜିଗୋଳ, ଅନୁଗୋଳ**

❖ ଏଥରର 'କବିତା' ସ୍ତମ୍ଭରେ ପ୍ରକାଶ ପାଇଥିବା 'ସେ ଅଟେ ମହତ ଜନ' ମନଛୁଆଁ ହୋଇଛି।
**-ସ୍ୱୟଂ ମହାପାତ୍ର, ଆସ୍କା, ଗଞ୍ଜାମ**

❖ 'ଗିନିଜ୍ ୱାର୍ଲ୍ଡ ରେକର୍ଡ୍' ସ୍ତମ୍ଭରେ ପ୍ରକାଶ ପାଇଥିବା କରାଟେ ଚାମ୍ପିୟନ୍ ସନ୍ତୋଷିନୀଙ୍କ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା।
**-ସରିତା ଦେ, ଆଳି, କେନ୍ଦ୍ରାପଡ଼ା**

❖ ଏଥରର 'ପିଲାଙ୍କ ଧରିତ୍ରୀ' ପ୍ରଚ୍ଛଦ ପୃଷ୍ଠା ଓ ଆଇନା ପୃଷ୍ଠା ସୁନ୍ଦର ଦେଖାଯାଉଥିଲା।
**-ସସ୍ମିତା ରାଉତ୍, ଜୟପୁର, କୋରାପୁଟ**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା)ସହ ପୁରା ନାମ, ବୟସ, ଠିକଣା ; ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଇଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା,ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

ଆମ ଠିକଣା
dharitrifeature@gmail.com

## ଚଗଲା ଭୀମ





ଆରମ୍ଭ ହୋଇଛି ଖରାଛୁଟି। କିଛିଦିନ ପର୍ଯ୍ୟନ୍ତ ନା ଅଛି ରାତି ପାହିଲେ ସ୍କୁଲ୍ ଯିବାର ଟେନ୍‌ସନ୍ ନା ମୁଣ୍ଡ ଉପରେ ପରୀକ୍ଷା ବୋଝ। ଯେଉଁଥିପାଇଁ ପିଲାଙ୍କ ଖୁସି କହିଲେ ନ ସରେ। କିଏ ପରିବାର ସହ ବିଭିନ୍ନ ସ୍ଥାନ ବୁଲିଯିବାକୁ ଅବା ସାଙ୍ଗସାଥିଙ୍କ ସହ ଖେଳକୁଦ କରି ଛୁଟି କାଟିବାକୁ ଚାହୁଁଥିବା ବେଳେ ଆଉ କିଏ ଏହି ସମୟ ମଧ୍ୟରେ ବିଭିନ୍ନ ସମର କ୍ୟାମ୍ପରେ ଯୋଗ ଦେଇ କିଛି ନୂଆ ଶିଖିବାକୁ ନେଇ ଉତ୍ସାହିତ ଅଛନ୍ତି। ତେବେ ଏହି ଖରାଛୁଟିକୁ କିପରି କାଟିବେ ତା'କୁ ନେଇ କ'ଣ ରହିଛି ପିଲାମାନଙ୍କର ପ୍ଲାନିଂ...

# ଖରାଛୁଟିରେ...

ସରିଛି ବର୍ଷଯାକର ପାଠପଢା ଆଉ ପରୀକ୍ଷା ଟେନ୍‌ସନ୍। ଆରମ୍ଭ ହୋଇଛି ଖରାଛୁଟି। ପିଲାଙ୍କ ଖୁସି କହିଲେ ନ ସରେ। ଏମିତିରେ ଖରାଛୁଟି ହେଲେ ମନେପଡେ ମାମୁଁଘର। ମାମୁଁଙ୍କ ସହ ବଜାର ବୁଲା ଓ ମାଇଁଙ୍କ ହାତ ପରଷା ଭଲିକି ଭଲି ଖାଦ୍ୟ ଆଃ କି ମଜା। ତା'ଛଡା ଛୁଟିରେ ସାଙ୍ଗସାଥିଙ୍କ ସହ ଖେଳକୁଦ ହେଉ ବା ଭୋଜିଭାତ କରି ଖାଇବାରେ ଆଉ ପୁଣି କେବେ ପରିବାର ସହ ବିଭିନ୍ନ ସ୍ଥାନକୁ ମଧ୍ୟ ବୁଲିଯିବାରେ ବି ମିଳେ ବେଶ୍ ଆନନ୍ଦ। ହେଲେ ଏବେ ସମୟ ସହିତ ବଦଳିଛି ଖରାଛୁଟିର ପରିଭାଷା। ଏହାର ସଦୁପଯୋଗ କରିବା ଲାଗି ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଛି ସମର କ୍ୟାମ୍ପ, ଯେଉଁଠି ପିଲାମାନଙ୍କୁ ମିଳୁଛି ସ୍ୱିମିଙ୍ଗଠୁ ଆରମ୍ଭ କରି ସିଙ୍ଗିଙ୍ଗ୍, ଡ୍ୟାନ୍ସିଂ, ପେଣ୍ଟିଂ ଆଦି ଶିଖିବାର ସୁଯୋଗ। ଗତ ୨ବର୍ଷ ହେବ କରୋନା ପିଲାଙ୍କ ପାଠପଢା ସହ ବୁଲାବୁଲିକୁ ଏକପ୍ରକାର ଠପ୍ କରିଦେଇଥିଲା। ତେଣୁ ଏବର୍ଷ ଖରାଛୁଟିକୁ କେମିତି କଟାଇବେ ପିଲାମାନେ ତା'କୁ ସେମାନଙ୍କର ରହିଛି ବିଭିନ୍ନ ପ୍ଲାନିଂ...

## ପ୍ରତିଦିନ କିଛି ଲେଖିବି



ଏଥର ଖରାଛୁଟିରେ ପ୍ରତିଦିନ କିଛି ଲେଖିବି ବୋଲି ସ୍ଥିର କରିଛି। ମୋ ଅନୁଭୂତି, ଗପ, କବିତା ଏହିଭଳି କିଛି କିଛି ଲେଖିବା ଆରମ୍ଭ କରିବି। ଏହା ମୋର ଲେଖିବା ଶୈଳୀକୁ ବଢାଇବା ସହ ଅଧିକ କ୍ରିଏଟିଭ ଚିନ୍ତା କରିବା ପାଇଁ ମଧ୍ୟ ସାହାଯ୍ୟ କରିବ।

**-ଶୁଭମ ମହାପାତ୍ର**, କ୍ଲାସ୍-୮, ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟ, ସୋରଡା, ଗଞ୍ଜାମ



## ପାଠପଢା ପ୍ରତି ଅଧିକ ସମୟ ଦେବି



ବହୁତ ଦିନ ପରେ ଖରାଛୁଟି ମିଳିଥିବାରୁ ଖୁସି ଲାଗୁଛି। ହେଲେ କରୋନା ପରେ ସ୍କୁଲ୍ ଖୋଲିଥିବାବେଳେ ଏବେ ବହୁତ ପାଠ ଦିଆଯାଇଛି। ଏକ୍ସଟ୍ରା କ୍ଲାସ୍ ସାଙ୍ଗକୁ ଟ୍ୟୁଶନ ମଧ୍ୟ ରହୁଛି। ତେଣୁ ଏଥର ଖରାଛୁଟିରେ କୁଆଡେ ବୁଲିବାକୁ ନ ଯାଇ ଘରେ ରହି ପାଠ ପଢା ପ୍ରତି ଅଧିକ ସମୟ ଦେବି ବୋଲି ଭାବିଛି।

**-ଦେବୀ ପ୍ରସାଦ ମିଶ୍ର**, କ୍ଲାସ୍-୯, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର

## ଭାଇଜାକ୍ ବୁଲିବାକୁ ଯିବି



ଏଥର ଖରାଛୁଟି ମୋ ପାଇଁ ସ୍ପେଶାଲ। କାରଣ ପ୍ରଥମ ଥର ପାଇଁ ରାଜ୍ୟ ବାହାରକୁ ପରିବାର ସହ ଭାଇଜାକ୍ ବୁଲିବାକୁ ଯାଉଛି। ସେଠାର ଫେମସ୍ ଆରକେ ବିଚ୍ ଓ ଯାରଦା ବିଚ୍, କୈଳାସ ଗିରି, ଇନ୍ଦିରା ଗାନ୍ଧୀ ଜୁଲୋଜିକାଲ ପାର୍କ, ଆର୍କୁ ଭ୍ୟାଲି ବୁଲି ଦେଖିବି। ସେଠାର ଲୋକପ୍ରିୟ ଖାଦ୍ୟ ବାମ୍ବୋ ଚିକେନ୍ ଖାଇ ବୁଲିବାର ଭରପୁର ମଜା ନେବି।

**-ଅନ୍ତରା ମିଶ୍ର**, କ୍ଲାସ୍-୯,କେନ୍ଦ୍ରୀୟ ବିଦ୍ୟାଳୟ ନଂ ୨, ବଲାଙ୍ଗୀର

## ଛୁଟିରେ ଗାଁ କୁ ଯିବି



ଖରାଛୁଟିରେ ଗାଁକୁ ଯିବି। ସେଠାରେ ମୋ ସାଙ୍ଗସାଥୀଙ୍କ ସହ ମିଶି ମଜା କରିବି। ରଜରେ ନୂଆ ପୋଷାକ ପିନ୍ଧି ଦୋଳି ଖେଳିବି। ମାମା ରଜରେ ପୋଡ଼ପିଠା କରିବେ, ତା'କୁ ଖାଇ ସାଙ୍ଗମାନଙ୍କ ସହ ବୁଲିଯିବାର ପ୍ଲାନିଂ କରିଛି।

**-ସ୍ମୃତିସେନ୍ ବାରିକ**, କ୍ଲାସ-୧, ସାଇ ବଚପନ୍ ପ୍ଲେ ସ୍କୁଲ୍, ଜଗତ୍‌ସିଂହପୁର

## ଛୁଟିରେ ଯୋଗ କ୍ଲାସ୍ କରିବି



ଏତେଦିନ ସ୍କୁଲ୍ ଛୁଟି ମିଳିଛି, ସେଥିପାଇଁ ବହୁତ ଉତ୍ସାହିତ ଅଛି । ଏଇ ଛୁଟିରେ ଯୋଗ କ୍ଲାସ କରିବି। ଆଗକୁ ଯୋଗ ଦିବସ ଥିବାରୁ ଏହି ଅବସରରେ ଆୟୋଜିତ ହେବାକୁ ଥିବା ଏକ ଡ୍ୟାନ୍ସ ପ୍ରୋଗ୍ରାମରେ ଭାଗ ନେବି। ଯାହାର ପ୍ରାକ୍ଟିସ୍ ଲାଗି ବେଶି ସମୟ ଦେବି। ଏହା ବ୍ୟତୀତ ଏଇ ଛୁଟିରେ ମାମୁଁଘର ବୁଲିବାକୁ ଯିବି।

**-ସାଇ ସ୍ୱାତୀ ବେହେରା**, କ୍ଲାସ-୬, ରବୀନ୍ଦ୍ର ବିଦ୍ୟା ନିକେତନ, ଘୁଟୁର, କେନ୍ଦୁଝର

## ପାଠପଢାକୁ ଗୁରୁତ୍ୱ ଦେବି



ଚଳିତ ବର୍ଷ ମୁଁ ଦଶମ ପରୀକ୍ଷା ଦେବି। ଛୁଟିରେ ବୁଲାବୁଲି ଅପେକ୍ଷା ପାଠପଢାକୁ ଅଧିକ ଗୁରୁତ୍ୱ ଦେବି। ଅଯଥା ସମୟ ନଷ୍ଟ ନ କରି କଠିନ ବିଷୟକୁ ପଢି ସମସ୍ତ ଦ୍ୱନ୍ଦ ଦୂର କରିବି।
କୋଚିଙ୍ଗ କ୍ଲାସ୍‌ରେ ପ୍ରାକ୍ଟିସ୍ କରାଯାଉଥିବା ସବୁ ବିଷୟକୁ ଘରେ ବସି ରିଭିଜନ୍ କରିବି।

**-ଲୋପାମୁଦ୍ରା ସାହୁ**, କ୍ଲାସ୍-୧୦, ଜେ ଏନ ଭି, ଅନୁଗୋଳ

## ମାମୁଁଘରେ ମଜା କରିବି



ଏଥର ଖରାଛୁଟିରେ ମାମୁଁଘର ଯିବାକୁ ଯୋଜନା କରିଛି। କରୋନା ପରଠୁ ବହୁତ ଦିନ ହେବ ଯାଇନି। ଛୁଟି ଥିବାରୁ ମାଉସୀ ଓ ମାମୁଁଙ୍କର ପୁଅଝିଅ ସମସ୍ତେ ଏକାଠି ହୋଇ ବହୁତ ମଜା କରିବୁ ଆଉ ଖେଳିବୁ। ମାଇଁ ବହୁତ ଭଲ ରୋଷେଇ କରନ୍ତି। ତାଙ୍କ ହାତରନ୍ଧା ଚିକେନ୍ କଷା ମୋତେ ସବୁଠୁ ଭଲ ଲାଗେ। କିଛିଦିନ ସେଠି ରହି ଖରାଛୁଟିକୁ ଉପଭୋଗ କରିବି।

**-ଜୀବନଜ୍ୟୋତି ଦାସ**, କ୍ଲାସ୍-୪,ବେଲପାଳ ନିମ୍ନ ମୌଳିକ ବିଦ୍ୟାଳୟ, ବେଲପାଳ, କେନ୍ଦ୍ରାପଡ଼ା

## ପରିବାର ସହ ପୁରୀ ଯିବି



ସବୁ ବର୍ଷ ଏହି ଟାଇମ୍‌ରେ ଆମର ଖରାଛୁଟି ଅଧା ହୋଇଯାଇଥାଏ। ହେଲେ ଏଥର ବହୁତ କମ୍ ସମୟ ଛୁଟି ଦିଆଯାଉଛି। ତେଣୁ ଏଥର ରଜ ସମୟରେ ସପରିବାର ପୁରୀ ଯିବା ପାଇଁ ଚିନ୍ତା କରିଛୁ। ସେଠାରେ ଜଗନ୍ନାଥଙ୍କ ଦର୍ଶନ ସହ ଐତିହାସିକ କୀର୍ତ୍ତିରାଜି, ସଂଗ୍ରହାଳୟ ଓ ସମୁଦ୍ରକୂଳ ବୁଲି ଦେଖିବୁ। ଏଥିପାଇଁ ବହୁତ ଉତ୍ସାହିତ। ମୋତେ କ୍ରାଫ୍ଟ କରିବାକୁ ବହୁତ ଭଲ ଲାଗେ। ସମୁଦ୍ରକୂଳରେ ପଡିଥିବା ସୁନ୍ଦର ସୁନ୍ଦର ପଥର ଓ ଶାମୁକାକୁ ଆଣି ଗ୍ଲିଟର୍ ଓ ପେଣ୍ଟ୍‌ରେ ଡେକୋରେଟ୍ କରିବି।

**-ଅଭିଜିତ ମହାପାତ୍ର**,କ୍ଲାସ୍-୮, ସରସ୍ୱତୀ ଶିଶୁ ମନ୍ଦିର, ରାୟଗଡା




୧


୨



୩



୪


୫


୬


୭


୮


୯



୧୦


ଆଦ୍ୟା ମହାପାତ୍ର
କ୍ଲାସ–୪, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର
୧

ପ୍ରତିତା ପ୍ରିୟଦର୍ଶିନୀ
କ୍ଲାସ– ୧, ଶ୍ରୀ ଜୟଦେବ ଇଣ୍ଟର ନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

୨


ରାଜଶ୍ରୀ ସାମନ୍ତରାୟ
କ୍ଲାସ–୧, ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ, ବରମୁଣ୍ଡା
୩

ଭାଗ୍ୟଶ୍ରୀ ମହାନ୍ତି
କ୍ଲାସ– ୬, ଡିଏଭି ପବ୍ଲିକ୍ ସ୍କୁଲ, କଳିଙ୍ଗନଗର, ଭୁବନେଶ୍ୱର

୪


ରୋଶନୀ ସାହୁ
କ୍ଲାସ–୧୦, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଦାରିଙ୍ଗବାଡ଼ି, କନ୍ଧମାଳ
୫

ଭବ୍ୟ ସାହୁ
କ୍ଲାସ– ୧, ସେଣ୍ଟ ଜାଭିୟର ଇଣ୍ଟର ନ୍ୟାଶନାଲ ସ୍କୁଲ, ପଟିଆ, ଭୁବନେଶ୍ୱର

୬


ରିତେଶ ତ୍ରିପାଠୀ
କ୍ଲାସ–୪, ଅମୃତା ବିଦ୍ୟାଳୟମ୍, ଜାଆଁଳା, ଭୁବନେଶ୍ୱର
୭

ଈଶାନ ସ୍ୱାଇଁ
କ୍ଲାସ– ୩, ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

୮


ଓମ୍‌ପ୍ରକାଶ ମହାନ୍ତି
କ୍ଲାସ– ୩, ଏସଏଆର ପବ୍ଲିକ୍ ସ୍କୁଲ, କଳିଙ୍ଗ ବିହାର, ଭୁବନେଶ୍ୱର
୯

ମାନ୍ୟତା ପଟ୍ଟନାୟକ
କ୍ଲାସ–୬, ଡି ପଲ୍ ସ୍କୁଲ୍, ବ୍ରହ୍ମପୁର

୧୦



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ୟଙ୍ଗ୍ ଟେନିସ୍ ଚାମ୍ପିୟନ

**ପି**ଲାମାନେ କୁହତ ତୁମମାନଙ୍କ ମଧ୍ୟରୁ କେତେଜଣ ଟେବୁଲ ଟେନିସ ଖେଳିବାକୁ ଭଲପାଅ ? ତୁମ ପରି ୧୪ବର୍ଷର ପି. ହରିକ୍ରିଷ୍ଣ ଟେବୁଲ୍ ଟେନିସ ଖେଳି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ମହାରାଷ୍ଟ୍ର ଲାଟୁରର ହରିକ୍ରିଷ୍ଣ ଏକ ଘଣ୍ଟା ଭିତରେ ଟେନିସ ପ୍ୟାଡେଲ୍‌ରେ ୯୫୧୨ ଥର ହିଟ୍ କରିଥିଲେ। ସେ ବିଭିନ୍ନ ଟେକ୍‌ନିକ୍‌ରେ ଟେନିସ ପ୍ୟାଡେଲ୍‌ରେ ବଲ୍‌କୁ ହିଟ୍ କରୁଥିଲେ। କମ୍ ସମୟ ମଧ୍ୟରେ ଏତେ ହିଟ ଏବଂ ତାଙ୍କର ଖେଳ କୌଶଳକୁ ଦେଖି ସମସ୍ତେ ବିସ୍ମୟ ମଧ୍ୟ ହୋଇଥିଲେ। ତାଙ୍କ ପୂର୍ବ ରେକର୍ଡକୁ ମଧ୍ୟ ସେ ନିଜେ ଭାଙ୍ଗି ଗିନିଜ୍ ରେକର୍ଡ୍ସରେ ନିଜ ସ୍ଥାନ ପକ୍କା କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ପରିବାର, ସ୍କୁଲ ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।





## କବିତା

### ଧାଡ଼ି ଯେବେ ହୋଇଥିବ

**ଛୁ**ଟିହେଲେ ବୁଲି ଆସେ, ରିଙ୍କୁ ନିଜ ଗାଁଆକୁ
ଦେଖିବାକୁ ମନ ତା'ର, ଫସଲର କ୍ଷେତକୁ।
ଉତ୍ତରରୁ ଦକ୍ଷିଣକୁ ଧାନ ସବୁ ଲାଗିଛି
ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଗଛପରେ ପଡୁଛି।
ଦୁଇ ଧାଡ଼ି ମଧ୍ୟ ଦେଇ ଯେଉଁ ସ୍ଥାନ ରହିଛି
ପବନର ଚଳାଚଳ ସହଜରେ ହେଉଛି।
କୋଡ଼ା ଖୁସା ଘାସ ବଛା ସାର ପାଣି ଦେବାରେ
ସୁବିଧାରେ ହୁଏ ସବୁ ଗଛ ଥିଲେ ଧାଡ଼ିରେ।
ଧାଡ଼ି ଯେବେ ହୋଇଥିବ ଉତ୍ତରରୁ ଦକ୍ଷିଣ
ସବୁଠୁ ଉତ୍ତମ ଏହା ଚାଷ ପାଇଁ ଜାଣ।

**– ଅନନ୍ତ ଚରଣ ସ୍ୱାଇଁ**
ସାଇ ଶ୍ରଦ୍ଧା, ୫୩୭, କେ –୭,
କଳିଙ୍ଗନଗର, ଭୁବନେଶ୍ୱର

### ଶିଶୁ

**ଶି**ଶୁ ହସିଲେ ଦୁନିଆ ହସେ
ହସନ୍ତି ଭଗବାନ
ଛୋଟ ଶିଶୁଟି ଭବିଷ୍ୟତରେ
ରଖେ ଦେଶର ମାନ।
ପାଠ ପଢିବ ବଡ଼ ହୋଇବ
କରି କଠୋର ଶ୍ରମ
ଦେଶ ହିତରେ ଜୀବନ ଦେବ
ରଖି ନିଜର ନାମ।
ଛୋଟ ଶିଶୁକୁ ହେୟ ନମଣି
ଯତନ କରି ପାଳ
ସ୍ନେହରେ ତାକୁ ବଢ଼ାଇ ଥିଲେ
ଦବ ଅମୃତ ଫଳ।

**–ଜଗଦୀଶ ସାହୁ**
ସଞ୍ଜପଡ଼ା, ହିନ୍ଦୋଳ,
ଢେଙ୍କାନାଳ

### ସ୍ୱଚ୍ଛ ଓ ସବୁଜ ପରିବେଶ

**ଥି**ଲା ପରିବେଶ ଜଙ୍ଗଲେ ଭରା
ସବୁଜ ଶୀତଳ ଥିଲା ଏ ଧରା।
ନିଷ୍ଠୁର ହୋଇ ଆପଣା ପାଇଁ
ଶୂନ୍ୟ କରେ ନର ଜଙ୍ଗଲ ଭୂଇଁ।
ଚାଲରେ ଭାଇ କହିବା ଯାଇ
ଆମ ପରିବେଶ ସରଗ ଭୂଇଁ
ଅତି ମୂଲ୍ୟବାନ ଜୀବନ ଅଟେ
ବୃକ୍ଷ ବିନା ଏଠି କିଛି ନ ଘଟେ।
ଖାଦ୍ୟ ଜଳ ବାୟୁ କାଠ ଯୋଗାଇ
ଜୀବନ ଧାରଣେ ସହାୟ ଏଇ।
ରୋପଣ କରି ଯତନ ନେଇ
ନିଜକୁ ସୁରକ୍ଷା ଦେବାରେ ଭାଇ।

**– ରୁଦ୍ରରୂପା ବ୍ରହ୍ମା**
୭ମ ଶ୍ରେଣୀ, ଓଡ଼ିଶା ଆଦର୍ଶ
ବିଦ୍ୟାଳୟ, ପିତାତଳି ଟିଙ୍କିଟି, ଗଞ୍ଜାମ

### ପିମ୍ପୁଡ଼ି

**କ୍ଷୁ**ଦ୍ର ଜୀବ ମୁହିଁ ଅତି ବୁଦ୍ଧିମାନ
ନାଆଁଟି ମୋର ପିମ୍ପୁଡ଼ି
ରାତି ଦିନ ଆମେ କାର୍ଯ୍ୟେ ବ୍ୟସ୍ତ ରହୁ
ବାନ୍ଧି ନିଜ ନିଜ ଧାଡ଼ି।
ଦଳବଳ ଘେନି ଏକାଠି ଯାଉ
ନରଖି ମନେ ଅହଙ୍କାର
ଛୋଟ ବୋଲି ଆମେ ଭାବ ନାହିଁ ମନେ
ଆମେ ସବୁ ଏକାକାର।
ଖାଦ୍ୟ ପାଇଁ କେବେ ପତାଏନି ହାତ
ନିଜେ ହିଁ ଆତ୍ମନିର୍ଭର
ବରଷକ ଯାକ ଖାଦ୍ୟକୁ ସଞ୍ଚିଣ
ଗଢ଼ଇ ସୁନା ସଂସାର।
କ୍ଷୁଦ୍ର ଜୀବ ବୋଲି ମନରେ ଆମର
ନ ଥାଏ ତ ଅଭିମାନ
ଆମଠାରୁ ଶିଖ କାର୍ଯ୍ୟରତ ଗୁଣ
ସୁଖେ କଟିବ ଜୀବନ

**– ପ୍ରତିଭା ସାହୁ**
ବଇଣ୍ଡା, ହାଇସ୍କୁଲ ରୋଡ୍,
ଅନୁଗୋଳ




## ଏଥରର



- କେଉଁ ଦେଶରେ ଖାଦ୍ୟ ଓ ଜଳ ସଙ୍କଟ ଦେଖାଯାଏ ନାହିଁ ?
- ପୁରାତନ ଯୁଗରେ ରୋମାନ ସୈନିକଙ୍କୁ ବେତନ ବଦଳରେ କ'ଣ ଦିଆଯାଉଥିଲା ?
- କିଙ୍ଗ୍ କୋବ୍ରା ଶରୀରରେ କେତେ ପରିମାଣରେ ବିଷ ରହିଥାଏ ?
- ଅନ୍ଧାର ଦେଖି ଡରିବାକୁ କେଉଁ ଫୋବିଆ କୁହାଯାଏ ?
- ଭାରତର କେଉଁ ରେଳପଥକୁ ସବୁଠାରୁ ବିପଦପୂର୍ଣ୍ଣ ରେଳପଥ କୁହାଯାଏ ?

## ଗତଥରର ଉତ୍ତର

- ୧୯୫୯ ମସିହା
- ଏପିଜେ ଅବଦୁଲ୍ କଲାମ
- ମୌଲାନା ଅବୁଲ କାଲାମ ଆଜାଦ
- ୧୩୬
- ତାମିଲନାଡୁ



## କହିଲ ଦେଖି

ଛୋଟ ଅଟଇ ଆକାର
ପୂଜାରେ ମୁଁ ଦରକାର
ଔଷଧୀୟ ଗୁଣ ଭରପୂର
ଭୋଜନ ହୁଏ ଗାଈ ଛେଳିର
କିଏ କହିବ ନାମ ମୋର ?



**ଉତ୍ତର– ଦୂବଘାସ**

ଗଛ ଅଟଇ ଭାରି ଦୁର୍ବଳ
ଥରେ ଦିଅଇ ସେ ଫଳ
ତା'ର ପତର ବହୁତ ବଡ଼
ପବନରେ ଚିରେ ଫଡ଼ଫଡ଼
କିଏ କହିବ ନାମଟି ତା'ର ?



**ଉତ୍ତର– କଦଳୀଗଛ**

ଛୋଟ ଛୋଟ ପତର
ଗଛ ଅଟେ ଲତା ଜାତିର
ଛୁଇଁଲେ ହୁଏ ସଙ୍କୁଚିତ
ତାହା ସହ ଆମେ ପରିଚିତ
କିଏ କହିବ ଟେକ ହାତ ?



**ଉତ୍ତର– ଲାଜକୁଳି ଲତା**

**– ରୋହିତ କୁମାର ମଳିକ**
ଅଣ୍ଡରାଇ, ବୋଡ଼କ, ଭଦ୍ରକ
ମୋ: ୭୮୯୪୦୯୫୩୩୬



### ଇଗଲ୍‌ର ଦୃଷ୍ଟିଶକ୍ତି

ଇଗଲ୍‌ଟିଏ ଯେତେ ଦୂରରେ ଉଡ଼ିଲେ ମଧ୍ୟ ସେ ନିଜର ଶିକାରକୁ ଅନାୟାସରେ ଦେଖିପାରେ । କାରଣ କ'ଣ ଜାଣିଛ ? ଗୋଟିଏ ଇଗଲ୍‌ର ଦୃଷ୍ଟିଶକ୍ତି ଜଣେ ମନୁଷ୍ୟର ଦୃଷ୍ଟିଶକ୍ତିର ଚାରିଗୁଣ ଅଧିକ । ତେଣୁ ସେ ଯେତେ ଉଚ୍ଚତାରେ ଉଡ଼ିବୁଲିଲେ ମଧ୍ୟ ତାହାର ଶିକାରକୁ ଖୁବ୍ ସହଜରେ ଠାବ କରିପାରେ ।

### ପେଙ୍ଗୁଇନ୍ ବଦଳାଏ ପାଣିର ସ୍ୱାଦ

ଆମେ ଯେଉଁ ପାଣି ପିଉଛେ, ତାହାର ସ୍ୱାଦ ସେମିତି ରହୁଛି । ହେଲେ ପେଙ୍ଗୁଇନ୍ ଏପରି ଏକ ପ୍ରାଣୀ, ଯିଏ କି ପାଣି ପିଇବା ପରେ ସେହି ପାଣିର ସ୍ୱାଦ ତା' ଶରୀର ଭିତରେ ବଦଳି ଯାଇଥାଏ । ପେଙ୍ଗୁଇନ୍ ଶରୀରରେ ଏମିତି ଏକ ତତ୍ତ୍ୱ ରହିଛି, ଯାହା କ୍ଷାର ପାଣିକୁ ମଧୁର ପାଣିରେ ବଦଳାଇ ଦେଇଥାଏ ।



# ଜଣା ଅଜଣା



### କୁମ୍ଭୀର-କଇଁଛ ଅଧିକ ଗଭୀର ପାଣିରେ ରହିଲେ...

ପିଲାଏ ! ତୁମେମାନେ ତ ଜାଣିଛ, କୁମ୍ଭୀର ଓ କଇଁଛ ଉଭୟ ଜଳଚର ପ୍ରାଣୀ । କିନ୍ତୁ ସେମାନେ ପାଣି ଭିତରେ ଏକ ନିର୍ଦ୍ଦିଷ୍ଟ ଗଭୀରତା ଭିତରେ ଚଳପ୍ରଚଳ ହୋଇଥାଆନ୍ତି । ଯଦି ଏହି ପ୍ରାଣୀ ଅଧିକ ଗଭୀର ପାଣିରେ ବେଶୀ ସମୟ ରୁହନ୍ତି, ତେବେ ସେମାନେ ମୃତ୍ୟୁବରଣ କରିବାର ଆଶଙ୍କା ରହିଛି ।

### କେତେଦୂର ଉଡ଼ିପାରେ ପ୍ରଜାପତି

ପିଲାଏ ! ତୁମେମାନେ ପ୍ରଜାପତି ଦେଖିଥିବ । ବିଭିନ୍ନ ରଙ୍ଗବେରଙ୍ଗର ପ୍ରଜାପତିଙ୍କୁ ଦେଖିଲେ ସେଗୁଡ଼ିକୁ ଧରିବାକୁ ଇଚ୍ଛା ହୁଏ । ହେଲେ ଜାଣିଛ କି ଗୋଟିଏ ଛୋଟ ପ୍ରଜାପତି ଘଣ୍ଟାକୁ କେତେ ବେଗରେ ଉଡ଼ିପାରେ ? ପ୍ରଜାପତି ଘଣ୍ଟାକୁ ପ୍ରାୟ ୧୭କିମି ବେଗରେ ଉଡ଼ିପାରେ ।





### କିପରି ଶୁଏ ଘୋଡ଼ା

ସାଧାରଣତଃ ପ୍ରାଣୀମାନେ ତଳେ ଶୋଇଥାଆନ୍ତି । ହେଲେ ଘୋଡ଼ା ଏପରି ଏକ ପ୍ରାଣୀ, ଯିଏ କି ଠିଆ ହୋଇ ଶୋଇଥାଏ । ସେମାନେ ନିଜ ଭିତରେ ଅଙ୍ଗଭଙ୍ଗୀ ଦ୍ୱାରା ଭାବର ଆଦାନ ପ୍ରଦାନ କରିଥା'ନ୍ତି । ମଜାଦାର କଥା ହେଲା, ଘୋଡ଼ାର ନବଜାତ ପିଲା ଜନ୍ମ ହେବାର କେଇଘଣ୍ଟା ପରେ ସେ ଚାଲିବା ସହ ଦୌଡ଼ିଥାଏ ।




# ଆ
# ଇ
# ନା




**ଆୟୁଷ ଆରଣ୍ୟ ପଟ୍ଟନାୟକ**
୧୨ ବର୍ଷ / ନିରାକାରପୁର

**ସୃଷ୍ଟି ସ୍ୱାଇଁ**
୫ ବର୍ଷ / ଜଗତ୍‌ସିଂହପୁର





**ସମୀକ୍ଷା ମିଶ୍ର**
୯ ବର୍ଷ / ଢେଙ୍କାନାଳ